# ଅଧା ଫୁଲ

# ଧନକୋଷ - ବଦଲିପୁର



# ବଦଲିପୁରର ଅଧାଫୁଲ୍ ଦଳ



- ନାମ – ପୁଷ୍ପା
- ବୟସ-୧୬ ବର୍ଷ
- ଗ୍ରେଡ଼-ଏକାଦଶ
- ସଦ୍‌ଗୁଣ –ଉତ୍ସାହିତ ଓ ସମ୍ବେଦନଶୀଳ
- ବିଶେଷ କରି ଉଭୟ ଗୁଣର ଅଧିକାରୀ ପୁଷ୍ପା ପାଇଁ କୌଣସି ଜିନିଷ ଅସମ୍ଭବ ନୁହେଁ ।

ପୁଷ୍ପା



- ନାମ - ଆଦିତ୍ୟ
- ବୟସ-୧୫ ବର୍ଷ
- ଗ୍ରେଡ୍-୭ମ ଶ୍ରେଣୀପରେ ସ୍କୁଲ ଡ୍ରପ୍ ଆଉଟ୍
- ସଦ୍‌ଗୁଣ- ବୁଦ୍ଧିର ଗ୍ରନ୍ଥାଘର
- ବୁଦ୍ଧି ଆଦିତ୍ୟ ପାଖରେ ଗଚ୍ଛିତ ।

ଆଦିତ୍ୟ



- ନାମ – ତାରା
- ବୟସ-୧୨ ବର୍ଷ
- ଗ୍ରେଡ଼-୭ମ ଶ୍ରେଣୀ
- ସଦ୍‌ଗୁଣ- ଜୀବନ୍ତ ଜ୍ଞାନକୋଷ ତାରା
- କେବେ ବି ମିଛ କହେ ନାହିଁ ।

ତାରା

ବଦଲିପୁରର ଅଧାଫୁଲ୍ ଦଳ । ଏମାନେ ତିନିଜଣ ବଦଲିପୁରରେ ବାସ କରନ୍ତି ଓ ଏମାନେ ଗୁଇନ୍ଦା ଖେଳ ଖେଳିବାକୁ ଭଲ ପାଆନ୍ତି । ଯେତେବେଳେ ବଦଲିପୁରରେ କିଛି ଘଟଣା ଘଟେ, ଏମାନେ ପ୍ରଥମେ ଘଟଣାସ୍ଥଳରେ ପହଞ୍ଚନ୍ତି ଓ ଏକାଠି ସମସ୍ୟାର ସମାଧାନ କରନ୍ତି । ସମସ୍ତେ ଏମାନଙ୍କୁ 'ଅଧାଫୁଲ୍ ଦଳ' ଭାବରେ ଜାଣନ୍ତି ।


ମେଘ ଗର୍ଜନ ଓ ବିଜୁଳି ମାରିବା ସହ ଦିନେ ବଦଳିପୁରରେ ଭୀଷଣ ଝଡ଼ବର୍ଷା ହେଲା ।
ଏହି ପରିସ୍ଥିତିରେ କୁଆଡୁ ଗୋଟିଏ କାଗଜ ଉଡ଼ିଆସି ସୀମା ପାଖରେ ପଡ଼ିଲା ।
ଏହା ଏକ ମାନଚିତ୍ର ପରି ଦିଶୁଛି କିନ୍ତୁ ମୁଁ ଏହାକୁ ବୁଝିପାରୁନାହିଁ ।
ମୁଁ ପୁଷ୍ପା ପାଖକୁ ଯିବି ଓ ତାକୁ ପଚାରିବି ।




ବଦଳିପୁରର ଇତିହାସ ସମ୍ପର୍କରେ ମୁଁ ଏକ ବହି ପଢ଼ିଥିଲି । ସେଥିରେ ଲେଖାଥିଲା, ଅନେକ ବର୍ଷ ତଳେ କେତେକ ଡକାୟତ ଏକ ଧନୀ ବେପାରୀ ଠାରୁ ଚୋରି କରିଥିଲେ । ସେମାନେ ସମସ୍ତ ଟଙ୍କା ଚୋରି କରି ତାକୁ କୌଣସି ଜାଗାରେ ଲୁଚାଇ ରଖିଥିଲେ । ଲୁଚାଇଥିବା ସ୍ଥାନ କାଳେ ସେମାନେ ଭୁଲିଯିବେ ବୋଲି ଏକ ମାନଚିତ୍ର ତିଆରି କରିଥିଲେ, ବୋଧହୁଏ ଏହା ସେହି ମାନଚିତ୍ର ।




ତାରା ବର୍ତ୍ତମାନ ଆମେ ମଜା କରିବା, ସାଙ୍ଗ ହୋଇ ସେଇ ଧନକୋଷକୁ ଠାବ କରିବା ।
ଚାଲ ଯିବା !
କିନ୍ତୁ ମୁଁ ତୁମ ମାନଙ୍କ ସାଙ୍ଗରେ ଆସି ପାରିବି ନାହିଁ ।
ସୀମା ତମେ ରୋମାଞ୍ଚକର ଯାତ୍ରାରେ ଯାଇ ମଜାକରିବା ପାଇଁ ଚାହଁନାହିଁ ?
ସେମିତି କିଛି ନୁହେଁ ଆଦିତ୍ୟ, ମୋ ମା’ ମତେ ବାହାରକୁ ଓ ଖେଳିବା ପାଇଁ ଛାଡ଼ନ୍ତି ନାହିଁ । ସେ କୁହନ୍ତି ଝିଅମାନେ ସବୁବେଳେ ଘର ଭିତରେ ରହିବା ଆବଶ୍ୟକ । ସେମାନେ ସିଲାଇ ଓ ରୋଷେଇ ଭଳି କାମ କରିବା ଉଚିତ ।
ସୀମା, ତୁମକୁ ମୁଁ କେତେଥର ପୁଅ ପିଲାଙ୍କ ପରି ବାହାରେ ଖେଳିବା ପାଇଁ ମନା କରିଛି । ଝିଅମାନେ ଘରେ ରହିବେ ଓ ସିଲେଇ ଶିଖିବେ ।
ରୋଷେଇ କରିବା ଶିଖ ।


ମୁଁ ଜଣେ ଝିଅ ନୁହେଁ କିନ୍ତୁ ମୋ ସାର୍ଟର ବଟନ
ମୁଁ ନିଜେ ସିଲେଇ କରେ ।



ମୁଁ ଜଣେ ଝିଅ ହେଲେ ବି
ବାହାରେ ଖେଳେ


ସମାଜରେ ଚଳି ଆସୁଥିବା ଲିଙ୍ଗଗତ ବୈଷମତା
ଏହା ସବୁ ସମାଜରେ ଚଳି
ଆସୁଥିବା ଲିଙ୍ଗଗତ ବୈଷମତା
ସମାଜରେ ଚଳି ଆସୁଥିବା
ଲିଙ୍ଗଗତ ବୈଷମତା କ'ଣ ?

ତୁମେ ଜଣେ ପୁଅ ଓ ଝିଅ, ତୁମେ କିପରି ଦେଖାଯିବା ଉଚିତ୍, ତୁମର ଆଚରଣ କ'ଣ ହେବା ଉଚିତ୍, କିପରି ଆଚରଣ ଦେଖାଇବ, କ'ଣ କରିବାକୁ ସ୍ଥିର କରୁଛ ଇତ୍ୟାଦିକୁ ଲିଙ୍ଗଗତ ସାମାଜିକ ବ୍ୟବସ୍ଥା ବୁଝାଏ । ତୁମ ଠାରୁ କ'ଣ ଆଶା କରାଯାଇପାରେ, ତୁମର କର୍ତ୍ତବ୍ୟ କ'ଣ ହେବ ଏବଂ ତୁମକୁ କି ପ୍ରକାର ଅଧିକାର ଓ ସମ୍ବଳ ଯୋଗାଇ ଦିଆଯିବ ଏଗୁଡ଼ିକ ମଧ୍ୟ ତୁମେ ପୁଅ କି ଝିଅ ତା ଉପରେ ନିର୍ଭର କରେ । ବାଳକ ଓ ବାଳିକାମାନଙ୍କ ଶାରୀରିକ ଦକ୍ଷତା ଅନୁଯାୟୀ ନୁହେଁ ବରଂ ଏହି ନିୟମ ଗୁଡ଼ିକ ରକ୍ଷଣଶୀଳ ଚିନ୍ତାଧାରା ଆଧାରରେ ତିଆରି ହୋଇ ବର୍ଷ ବର୍ଷ ଧରି ଚାଲି ଆସିଛି ।

ସମାଜରେ ଚଳି ଆସୁଥିବା ଲିଙ୍ଗଗତ ବୈଷମତାର ଅର୍ଥ ହେଉଛି, ସମାଜ ଏକ ମାନକ ସ୍ଥିର କରେ ଏବଂ ତା ପରେ ସମସ୍ତଙ୍କୁ ତାହା ଅନୁସରଣ କରିବାକୁ ବାଧ କରେ । ଉଦାହରଣ ସ୍ୱରୂପ ସମସ୍ତ ଝିଅ ଘରର ଯତ୍ନ ନେବେ ଏବଂ ସମସ୍ତ ପୁଅମାନେ ପଇସା ରୋଜଗାର କରିବେ ।




କିନ୍ତୁ ପୁଅମାନେ କରୁଥିବା ସମସ୍ତ କାର୍ଯ୍ୟ ଝିଅମାନେ ମଧ୍ୟ କରିପାରିବେ । କୁହ ଦୁଇପାଦ ବ୍ୟବହାର କରି ତୁମେ ଚାଲିପାରିବ କି ?
ହଁ ମୁଁ ପାରିବି
ତେଣୁ ଯଦି ତୁମେ ଚାଲିପାରିବ ତେବେ ତୁମେ ଦୌଡ଼ି ବି ପାରିବ । ତଥାପି, ଝିଅମାନଙ୍କୁ ବାହାରେ ଦୌଡ଼ିବାକୁ ମନା କରାଯାଏ ।
ସୀମା ଚିନ୍ତା କରିବାକୁ ଲାଗିଲା
ଏହା ହେଉଛି ସମାଜରେ ଚଳି ଆସୁଥିବା ଲିଙ୍ଗଗତ ବୈଷମତା
?
?




ଆସ ଏଇ ଲିଙ୍ଗଗତ ବୈଷମତାକୁ ଭାଙ୍ଗିବା




ବର୍ତ୍ତମାନ ସମସ୍ତେ ମିଶି ଧନକୋଷକୁ ଖୋଜିବା
ପୁଷ୍ପା ମୁ ଏବେ ବୁଝିଗଲି


ଏହି ମାନଚିତ୍ର ଜଙ୍ଗଲ ମଧ୍ୟରେ ଥିବା ଏକ ଧ୍ୱଂସାବଶେଷକୁ ବାଟ ଦେଖାଉଛି ।
N
W
E
S

ଚାରିଜଣ ଯାକ ଜଙ୍ଗଲ ଆଡ଼କୁ ଆଗେଇ ଚାଲିଲେ ।
କିଛି ବାଟ ଗଲାପରେ ସେମାନେ ଏକ ବିରାଟ ଖାଲ ପାଖରେ ପହଞ୍ଚିଲେ ।









ସେହି ଗଛ ଚେର ଦ୍ୱାରା ଚାରିଜଣ ଝୁଲି ଝୁଲି ସେଇ ଖାଲକୁ ପାର ହୋଇ ଗଲେ ।



ଚାରିଜଣ ଯାକ ଚାଲିଚାଲି ସେଇ ଧ୍ୱଂସାବଶେଷ ପାଖରେ ପହଞ୍ଚିଲେ ।
ସେଇ ଧ୍ୱଂସାବଶେଷ ବହୁତ ଭୟାନକ ଥିଲା ଯାହାକୁ ଦେଖି ଆଦିତ୍ୟ ଦେହରୁ ଭୟରେ ଝାଳ ବାହାରିଲା ।









ସୀମା ଭିତରକୁ ଗଲା ଓ ପଥର ଘୁଞ୍ଚାଇ ଧନକୋଷ ଲୁଚିଥିବା ସ୍ଥାନକୁ ଖୋଜି ବାହାର କଲା ।



ଯେତେବେଳେ ସୀମା ଧନକୋଷ ସହ ବାହାରକୁ ଆସିଲା ସମସ୍ତେ ଖୁସିରେ ଉତ୍‌ଫୁଲ୍ଲିତ ହୋଇ ଚିତ୍କାର କରିବାକୁ ଲାଗିଲେ ।



ତା’ ପରଦିନ ସୀମାର ସଫଳତା ସମସ୍ତ ଖବରକାଗଜରେ ଛପା ହୋଇଥିଲା ଓ
ଟିଭି ଚ୍ୟାନେଲ ଗୁଡ଼ିକରେ ଏହି ଖବର ପ୍ରଚାର କରାଯାଉଥିଲା ।










# ପୁଝିଦୁସ

ପୁଅ ଓ ଝିଅ ଦୁହେଁ ସମାନ



**ସମାପ୍ତ**



## ଏହି କାହାଣୀର ନୀତିଶିକ୍ଷା

### ତୁମେ ଏହି କାହାଣୀରୁ କ'ଣ ଶିକ୍ଷା କଲ ?

ଯେତେବେଳେ ପୁଅମାନେ ଏହା କରିପାରିବେ ଏବଂ ଝିଅମାନେ କରିପାରିବେ ନାହିଁ ବୋଲି ସମାଜ ସ୍ଥିର କରିବ ସେତେବେଳେ ଆମ୍ଭେ ଏହାକୁ ସମାଜରେ ଚଳି ଆସୁଥିବା ଲିଙ୍ଗଗତ ବୈଷମତା ବୋଲି କହିବା । ଅନେକ ଦିନ ଧରି ଏହି ସମାଜରେ ଚଳି ଆସୁଥିବା ଚିନ୍ତାଧାରା ଆମ ପରମ୍ପରାର ଅଂଶ ରହିଆସିଛି ଏବଂ ବର୍ତ୍ତମାନ ଏହାକୁ ଆମ ସମାଜରେ ଦୃଢ଼ ଭାବରେ ସ୍ଥାପନ କରାଯାଇଛି ।


ଏହା ଉଭୟ ଝିଅ ଓ ପୁଅ ପାଇଁ କ୍ଷତିକାରକ ଏବଂ ଏହା ସେମାନଙ୍କୁ ଜୀବନରେ ଆଗକୁ ବଢ଼ିବାରେ ବାଧା ସୃଷ୍ଟି କରେ । ଉଦାହରଣ ସ୍ୱରୂପ କେବଳ ଝିଅମାନେ ରୋଷେଇ କରିବେ ବୋଲି ଚିନ୍ତାଧାରାରେ ରହିଥିବାରୁ ରୋଷେଇ କରିବାକୁ ଭଲପାଉଥିବା ପୁଅଟି ଏହି କାର୍ଯ୍ୟ କରେନାହିଁ ଓ ଝିଅଟିଏ କ୍ରିକେଟ ଖେଳିବାକୁ ଚାହୁଁଥିଲେ ବି ଖେଳେନାହିଁ କାରଣ କେବଳ ପୁଅମାନେ ଏହି ଖେଳରେ ଆଗକୁ ଯାଇ ପାରିବେ ବୋଲି ସେ ଭାବେ ।

ପୁଅ ଝିଅ ଉଭୟଙ୍କୁ ଜୀବନରେ ଆଗକୁ ବଢ଼ିବା ପାଇଁ ସମାନ ସୁବିଧା ସୁଯୋଗ ଦେବା ଅତ୍ୟନ୍ତ ଆବଶ୍ୟକ ।



# ଖେଳ :

**କିଛି ସମୟ ନିଅ ଓ**
**ଚିନ୍ତାକର ତୁମେ ଏହି କାହାଣୀରୁ କ'ଣ ଶିଖିଲ?**





**-: ସାଧାରଣତଃ ତୁମ ଘରେ :-**

| | | | | |
|---|---|---|---|---|
| କାହାକୁ କ୍ରୀକେଟ ଖେଳିବାକୁ ଅନୁମତି ପ୍ରଦାନ କରାଯାଏ? ଝି/ପୁ | ସକାଳୁ କିଏ ଡେରିରେ ଉଠେ? ଝି/ପୁ | ରୋଷେଇ କାର୍ଯ୍ୟରେ କିଏ ସାହାଯ୍ୟ କରେ? ଝି/ପୁ | ବଜାରରୁ ଜିନିଷ କିଏ ଆଣେ? ଝି/ପୁ | ପରିବା କାଟିବାରେ କିଏ ସାହାଯ୍ୟ କରେ? ଝି/ପୁ |
| କାହାର ପ୍ରିୟ ଖାଦ୍ୟ ବାରମ୍ବାର ରୋଷେଇ କରାଯାଏ? ଝି/ପୁ | କାହାର ପ୍ରିୟ ଖାଦ୍ୟ ବାରମ୍ବାର ରୋଷେଇ କରାଯାଏ? ଝି/ପୁ | କିଏ ଘରର ଚଟାଣ ପୋଛେ? ଝି/ପୁ | ସନ୍ଧ୍ୟା ପରେ ବାହାରକୁ ଯିବାକୁ କାହାକୁ ଅନୁମତି ମିଳେ? ଝି/ପୁ | ପାଣି କିଏ ଆଣେ ? ଝି/ପୁ |

# ଯଦି ତୁମେ ଚାହଁ ତେବେ ଏହାକୁ ମଧ୍ୟ ଖେଳି ପାରିବ :

ଉଭୟ ପୁଅ ଓ ଝିଅ ସମାନ ବୋଲି ବିଚାର କରି ସେମାନେ ଯାହା ଚାହୁଁଛନ୍ତି ତାହା କରିପାରିବେ । ନିମ୍ନରେ ଦିଆଯାଇଥିବା ବୃତ୍ତି ଗୁଡ଼ିକ ମଧ୍ୟରୁ ତୁମେ କେଉଁ କାମ କରିପାରିବ ବୋଲି ଭାବୁଛ ସେ ସମ୍ବନ୍ଧରେ ଏକ ଛବି ଆଙ୍କ (ଉଭୟ ପୁଅ ଓ ଝିଅ)



ନିମ୍ନରେ ଦିଆଯାଇଥିବା ବୃତ୍ତି
ଉପରେ ଏକ ଛବି ଆଙ୍କ

- ଡାକ୍ତର
- ଶିକ୍ଷକ
- ଦୋକାନୀ
- ନର୍ସ

ବର୍ତ୍ତମାନ ତମ ଛବିକୁ ଦେଖ କେଉଁ ବୃତ୍ତି ତୁମେ ପୁଅଙ୍କ ପାଇଁ ଆଙ୍କିଛ ଓ କେଉଁଟା ଝିଅ କି ପାଇଁ? ଏବଂ କେଉଁ ବୃତ୍ତି ଉଭୟ ପୁଅ ଓ ଝିଅଙ୍କ ପାଇଁ ଆଙ୍କିଛ?


ଅଧାଫୁଲ୍ ଦଳଙ୍କ ର ଆହୁରି ଅନେକ ରୋମାଞ୍ଚଭରା କାହାଣୀ ରହିଛି ।
ଗୋଟିଏ ବି ବାଦ୍ ନ ଦେଇ ସବୁ ଗୁଡ଼ିକ ପଢ଼ ।











ପ୍ରସ୍ତୁତି ବିବିସି ମିଡିଆ ଆକ୍ସନ
ସହାୟତା-ୟୁନିସେଫ୍, ଡୋଭ୍ ଓ ସେଣ୍ଟର ଫର୍ ଆପିୟରାନ୍ସ ରିସର୍ଚ୍ଚ